ଓଡ଼ିଶା ଭାସ୍କର
ODISHA BHASKAR

ରାଜ୍ୟ ଖବର

ଖୋର୍ଦ୍ଧା (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଫୁଟବଲ ପଡିଆରେ ଅହମଦୀୟା ମୁସଲିମ ଫୁଟବଲ ଆସୋସିଏସନ ଆନୁକୁଲ୍ୟରେ ରବିବାର ଦିନ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଯୋଗମାୟା ତରତୁଆ, ପଣ୍ଡାଳମ, ଏକଲବ୍ୟ କ୍ଲବ କଣ୍ଟାବାଡ, କେରଙ୍ଗ ଅହମଦୀୟା ଏଫ୍.ସି, ଫ୍ରେଣ୍ଡ୍ସ ପାରାଡାଇଜ ଜଟଣୀ, ଲଡୁକେଶ ଆଥଲେଟିକ ଶରଣକୁଳ, ୭୨ କ୍ଲବ ଠଣାପଲ୍ଲୀ ଏବଂ ଷ୍ଟାଲିସ ଏକାଦଶ ଜଟଣୀ ଭାଗ ନେଇଥିଲେ । ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ କେରଙ୍ଗ ଅହମଦୀୟା ଏଫ୍.ସି ଏବଂ ଲଡୁକେଶ ଆଥଲେଟିକ ଶରଣକୁଳ ମଧ୍ୟରେ ହୋଇଥିଲା । ଖେଳ ବହୁତ ସଂଘର୍ଷପୂର୍ଣ୍ଣ ହୋଇଥିଲା । ଗୋଟିଏ ଦଳ ଅନ୍ୟଦଳ ଉପରେ ଘନ ଘନ ଆକ୍ରମଣ କରି ଚାଲିଥିଲେ । କିନ୍ତୁ ଖେଳର ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ମାରିପାରି ନଥିଲେ । ଫଳରେ ଟ୍ରାଇବ୍ରେକରର ସାହାଯ୍ୟ ନିଆଯାଇଥିଲା । ୫-୪ ଟ୍ରାଇବ୍ରେକର ଗୋଲ ମାଧ୍ୟମରେ ଲଡୁକେଶ ଆଥଲେଟିକ ଶରଣକୁଳ ବିଜୟୀ ହୋଇ ଚାମ୍ପିୟାନ ହୋଇଛି । ଏହି ଖେଳକୁ ଅମଜାଦ ଖାଁ ପିଚାଳନା କରିଥିଲା ବେଳେ ତାଙ୍କୁ ଲାଇନରେ ଶୌକତ ଅହମଦ, ପ୍ରଫୁଲ୍ଲ ବେହେରା ଏବଂ ସଖାଓ୍ଵତ ଅଲ୍ଲି ସହଯୋଗ କରିଥିଲେ । ମୁଖ୍ୟ ଅତିଥି ଭାବେ ଗ୍ରାମ ପଞ୍ଚାୟତର ସରପଞ୍ଚ ମବରୁର ହୁସେନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଡିଶା ସୁରକ୍ଷା ବାହିନୀର ପୂର୍ବତନ ଅଧିନାୟକ ଦେବାଶିଷ ନାୟକ, ଆର୍ମିର ପୂର୍ବତନ ଫୁଟବଲ ଖେଳାଳି ତହିମୁର ଅହମଦ, ଅକବର ଖାଁ, ସୁକଦେବ ନାୟକ ଏବଂ ଅଲିଉଦ୍ଦିନ ଖାଁ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ବିଜୟୀ ଦଳକୁ ଅର୍ଥ ରାଶି ୭୭୭୭ ଟଙ୍କା ଓ ଟ୍ରଫି ଏବଂ ପରାଜିତ ଦଳକୁ ୫୫୫୫ ଟଙ୍କା ଓ ଟ୍ରଫି ପ୍ରଦାନ କରା ଯାଇଥିଲା ।

ମୁମ୍ବାଇରେ ପ୍ରକୃତିର ତାଣ୍ଡବ
ପ୍ରବଳ ବର୍ଷା ନେଲା ୧୦ ଜୀବନ

- ୧୨ହଜାର ଲୋକ ସ୍ଥାନାନ୍ତର
- ଜୟକଓ୍ଵାଡ ଡ୍ୟାମର ୨୭ ଗେଟ୍ ଖୋଲା
- ତଳି ଅଞ୍ଚଳରେ ବନ୍ୟା ଆଶଙ୍କା
- ପୁଣି ପ୍ରବଳ ବର୍ଷାର ସମ୍ଭାବନା

ମୁମ୍ବାଇ: ପ୍ରକୃତିର କୋପ କେତେ ଯେ ଭୟଙ୍କର ତାହା ମୁମ୍ବାଇ ଓ ମହାରାଷ୍ଟ୍ରରେ ଲାଗି ରହିଥିବା ପ୍ରଳୟଙ୍କରୀ ବର୍ଷାରୁ ସ୍ପଷ୍ଟ ହୋଇଛି । ଗତ କିଛିଦିନ ହେବ ମୁମ୍ବାଇ ସମେତ ମହାରାଷ୍ଟ୍ରରେ ପ୍ରବଳ ବର୍ଷା ଲାଗି ରହିଛି । ଗତ ୪୮ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷାରେ ୧୦ଜଣଙ୍କର ଜୀବନ ଯାଇଛି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗର ସୂଚନା ଅନୁଯାୟୀ ବର୍ଷାଜନିତ ଅଘଟଣାରେ ନାସିକ ଜିଲ୍ଲାରେ ୪ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଧାରାଶିବ ଅଞ୍ଚଳରେ ୨ ଜଣ, ଅହଲ୍ୟାନଗରରେ ୨ଜଣ, ଜାଲନା ଓ ଯବତମାଲା ଅଞ୍ଚଳରେ ଜଣେ ଲେଖାଏଁ ଲୋକଙ୍କ ଜୀବନ ଯାଇଛି । ମୁମ୍ବାଇର ବିଭିନ୍ନ ସ୍ଥାନରେ ବର୍ଷାପାଣି ଜମି ରହିଥିବାବେଳେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି । ଟ୍ରେନ୍ ଓ ବିମାନ ଚଳାଚଳରେ ବାଧା ଉପୁଜିବା ନେଇ ଆଶଙ୍କା ଦେଖାଦେଇଛି । ପାଲଘର ଓ ଅନ୍ୟକିଛି ଅଞ୍ଚଳରେ ସ୍କୁଲ, କଲେଜକୁ ବନ୍ଦ ରଖାଯାଇଛି । ବର୍ଷା ହେଉଥିବା ଅଞ୍ଚଳରୁ ପ୍ରାୟ ୧୨ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଚଳିତ ମୌସୁମୀ ଋତୁରେ କେବଳ ମୁମ୍ବାଇରେ ୩ହଜାର ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଅନ୍ୟପକ୍ଷରେ ପ୍ରବଳ ବର୍ଷା ଯୋଗୁ ଜୟକଓ୍ଵାଡ ଜଳଭଣ୍ଡାରର ୨୭ଟି ଗେଟ୍‌କୁ ଖୋଲାଯାଇ ଜଳ ନିଷ୍କାସନ କରାଯାଉଛି । ଫଳରେ ତଳି ଅଞ୍ଚଳରେ ବନ୍ୟାପାଣି ପଶିବାର ଆଶଙ୍କା ଦେଖାଦେଇଛି । ଭାରତୀୟ ପାଣିପାଗ ବିଭାଗ କହିଛି ଯେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି । ନିକଟରେ କୋଲକାତାରେ ବର୍ଷା ବିପ୍ଳାତରେ ୧୨ଜଣଙ୍କର ମୃତ୍ୟୁ ଘଟିଥିଲା । ଏପରିକି ପୂଜା ପେଣ୍ଡାଲ ଗୁଡ଼ିକରେ ପାଣି ପଶିଯାଇଥିଲା । ପ୍ରାକୃତିକ ବିପର୍ଯ୍ୟୟରେ ବିଭିନ୍ନ ସମୟରେ ଦେଶ ଘାଣ୍ଟି ହେଉଛି । ଉନ୍ନତ ବୈଷୟିକ ଜ୍ଞାନ କୌଶଳ ଯୋଗୁ ରୁଷ ଭଳି ଦେଶରେ ବଡ଼ଧରଣର ଭୂମିକମ୍ପରେ କୌଣସି କ୍ଷୟକ୍ଷତି ହେଉନଥିବାବେଳେ ଭାରତରେ ବର୍ଷାରେ ଲୋକଙ୍କ ଜୀବନ ଯିବା ଘଟଣାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି ।

ବାପୁଜୀନଗର ମା ଦୁର୍ଗାଙ୍କ ପୀଠରେ ନବରାତ୍ର ପୂଜା

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଏକାମ୍ର କ୍ଷେତ୍ର ବାପୁଜୀ ନଗର ସ୍ଥିତ ପ୍ରସିଦ୍ଧ ଶ୍ରୀ ଦୁର୍ଗା ମନ୍ଦିରରେ ଚଳିତ ବର୍ଷ ଶାରଦୀୟ ପୂଜୋତ୍ସବ ଅବସରରେ ଗତ ୨୨ ତାରିଖ ପ୍ରତିପଦ ତିଥି ଠାରୁ ନବରାତ୍ର ପୂଜାର୍ଚ୍ଚନା ମହା ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଛି । ଦୀର୍ଘ ୫୫ ବର୍ଷ ଧରି ଭୁବନେଶ୍ୱରର ଏହି ପ୍ରମୁଖ ଶକ୍ତି ପୀଠରେ ଚଳିତ ବର୍ଷ ୧୦ ଜଣ ବ୍ରାହ୍ମଣ ପଣ୍ଡିତ ମା'ଙ୍କର ବିଶେଷ ପୂଜା ଭୋଗ ପ୍ରସ୍ତୁତ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ରାଧାବଲ୍ଲଭ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନବରାତ୍ର ପୂଜା ଉପଲକ୍ଷେ ପ୍ରତ୍ୟହ

ସୂର୍ଯ୍ୟପୂଜା ହୋମ ଯଜ୍ଞାନୁଷ୍ଠାନ, ଷୋଡଶ ଉପଚାରରେ ଦିବାରାତ୍ର ଦୁଇଥର ଅନ୍ନ ଭୋଗ, ଆଳତୀ ସହ ଅଖଣ୍ଡ ଦୀପ ପ୍ରଦାନ ଇତ୍ୟାଦି ବିଶେଷ ନୀତି ଆଧାମ୍ଭିକ ପରିବେଶରେ ପାଳିତ ହେଉଅଛି । ଘଣ୍ଟ, ଘଣ୍ଟା, ଶଙ୍ଖ ଧ୍ୱନି ମଧ୍ୟରେ ମାଙ୍କ ରେ ମାଙ୍କ ପୀଠରେ ଠରେ ଚଣ୍ଡୀ ପାଠ ସମେତ ପ୍ରତ୍ୟହ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁଙ୍କୁ ମନ୍ଦିର ଟ୍ରଷ୍ଟି ପକ୍ଷରୁ ଶୃଙ୍ଖଳା ଭୋଗ ବିତରଣ କରାଯାଉଛି । ବାପୁଜୀ ନଗରସ୍ଥିତ ୨୦ ପରିବାର ପକ୍ଷରୁ ଏହି ଅବସରରେ ପାଳି ଅନୁଯାୟୀ ପ୍ରସାଦ ବ୍ୟବସ୍ଥାର ଆୟୋଜନ ହେବ ସହ ସହ ମହାସପ୍ତମୀ, ମହାଷ୍ଟମୀ, ମହାନବମୀରେ ପୀଠରେ ମାଙ୍କ ବିଶେଷ ପୂଜାର୍ଚ୍ଚନା ସମେତ ପୁରୀର ପାରମ୍ପରିକ ଶିଳ୍ପୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ବେଶ ଉପକରଣରେ ମାଙ୍କୁ ମହାକାଳୀ, ମହାଲକ୍ଷ୍ମୀ, ମହାଦୁର୍ଗା ଓ ମହା ସରସ୍ୱତୀ ବେଶରେ ମଣ୍ଡିତ କରାଯିବ । ବିଜୟାଦଶମୀ ତିଥିରେ ଦୁର୍ଗା ଦେବୀଙ୍କ ଅପରାଜିତା ପୂଜା ମହା ସମାରୋହରେ ପାଳିତ ହେବ । ନବରାତ୍ରି ପୂଜା ନିମନ୍ତେ ମନ୍ଦିର ଟ୍ରଷ୍ଟିର ବରିଷ୍ଠ ସଦସ୍ୟ ଦୁଷ୍ମନ୍ତ ସାହୁ, ସୁର କିଶୋର ମହାନ୍ତି, ସୂର୍ଯ୍ୟ ସୁନ୍ଦର ସେନଗୁପ୍ତ, ମୀନ କେତନ ଜେନା, ବିଶ୍ୱଜିତ ମିତ୍ର, ନିରଂଜନ ସାମନ୍ତରା ପ୍ରମୁଖ ପରିଚାଳନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଭୁବନେଶ୍ୱର ସମତା ପୁରୀ, କଟକ, ଚୌଦ୍ୱାର, ଖୋର୍ଦ୍ଧା, ଜଟଣୀ ଇତ୍ୟାଦିରୁ ବହୁ ସଂଖ୍ୟକ ବିଶିଷ୍ଟ ଅତିଥି, ଭକ୍ତ ଶ୍ରଦ୍ଧାଳୁ ମାନେ ମାଙ୍କ ଦିବ୍ୟ କୃତାର୍ଥ ମଣିଥିଲେ ।

ସୁରକ୍ଷା ବେଦାନ୍ତ ଆଲୁମିନିୟମର ପ୍ରଥମ ସଂସ୍କୃତି

ଝାରସୁଗୁଡ଼ା(ଭାସ୍କର ନ୍ୟୁଜ): ମେଗା-ଇଣ୍ଡଷ୍ଟ୍ରିଆଲ୍ କାର୍ଯ୍ୟରେ, ଯେଉଁଥିରେ ପ୍ରାୟତଃ ଶକ୍ତିଶାଳୀ ଯନ୍ତ୍ରପାତି ଏବଂ ଜଟିଳ ଉପକରଣ ରହିଥାଏ, ସୁରକ୍ଷା-ପ୍ରଥମ ମାନସିକତା ହେଉଛି ଜଣେ କର୍ମଚାରୀଙ୍କ ପାଇଁ ଆବଶ୍ୟକ ସବୁଠାରୁ ମୌଳିକ ଗୁଣ । ଏହି ପଦ୍ଧତିକୁ କେବଳ କାରଖାନା ମହଲାରେ ନୁହେଁ ବରଂ ଜୀବନର ଏକ ଉପାୟ ଭାବରେ ନିଜ ଦୈନନ୍ଦିନ କାର୍ଯ୍ୟକଳାପରେ ବୁଣାଯାଇ, ଏହି ମାନସିକତାକୁ ବ୍ୟାପକ ସମାଜରେ ପ୍ରୋତ୍ସାହିତ କରିବା ନିଶ୍ଚିତ କରେ । ଏହାକୁ ସ୍ୱୀକାର କରି, ବେଦାନ୍ତ ଆଲୁମିନିୟମ ଏକ ସଂସ୍କୃତିକୁ ପୋଷଣ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରେ ଯେଉଁଠାରେ ପ୍ରତ୍ୟେକ କର୍ମଚାରୀ, ଅଂଶୀଦାର ଏବଂ ସମ୍ପ୍ରଦାୟ ସଦସ୍ୟ ଅସୁରକ୍ଷିତ ପରିସ୍ଥିତି ଏବଂ ଜରୁରୀକାଳୀନ ପରିସ୍ଥିତିରେ ପ୍ରଭାବଶାଳୀ ଭାବରେ ପ୍ରତିକ୍ରିୟା ଦେଇପାରିବେ । ବିଶ୍ୱର ସର୍ବବୃହତ ଆଲୁମିନିୟମ ପ୍ଲାଣ୍ଟ, ବେଦାନ୍ତ ଝାରସୁଗୁଡ଼ାରେ, ନିୟମିତ ବଡ଼ ଧରଣର ଜରୁରୀକାଳୀନ ଅଭ୍ୟାସ ମାଧ୍ୟମରେ ଜରୁରୀକାଳୀନ ପରିସ୍ଥିତି ପାଇଁ କାର୍ଯ୍ୟକ୍ଷେତ୍ର ପ୍ରସ୍ତୁତିକୁ ସୁଦୃଢ଼ କରାଯାଏ ଯାହାକି ବାସ୍ତବ-ଜୀବନ ପରିସ୍ଥିତିକୁ ସୁଦୃଢ଼ କରିଥାଏ । ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଭଳି ସଂଗଠନର ବିଶେଷଜ୍ଞଙ୍କ ସହିତ କରାଯାଇଥିବା, ଏହି ଅଭ୍ୟାସଗୁଡ଼ିକ ସ୍ଥାନାନ୍ତର ପ୍ରୋଟୋକଲ ବାହାରେ ଯାଇ ଆଘାତ ପରିଚାଳନା ଏବଂ ଆଘାତର ସ୍ଥିରୀକରଣ ଭଳି ପ୍ରଥମ-ପ୍ରତିକ୍ରିୟା କୌଶଳ ଅନ୍ତର୍ଭୁକ୍ତ କରେ । ପ୍ଲାଣ୍ଟ ନିକଟବର୍ତ୍ତୀ ସ୍କୁଲଗୁଡ଼ିକରେ ସମାନ ଅଭ୍ୟାସ କରାଯାଇଛି, ଯେଉଁଠାରେ ଶହ ଶହ ଛାତ୍ରଛାତ୍ରୀ ଏବଂ ଶିକ୍ଷକଙ୍କୁ ବିଭିନ୍ନ ଜରୁରୀକାଳୀନ ପରିସ୍ଥିତିରେ ସୁରକ୍ଷିତ ସ୍ଥାନାନ୍ତର ଏବଂ ତୁରନ୍ତ ଯତ୍ନ ପାଇଁ ତାଲିମ ଦିଆଯାଇଛି । ଏପରି ପଦକ୍ଷେପଗୁଡ଼ିକ ବେଦାନ୍ତ ଝାରସୁଗୁଡ଼ା ପ୍ଲାଂଟ ନିକଟବର୍ତ୍ତୀ ଅଂଚଳରେ ରହୁଥିବା ସମ୍ପ୍ରଦାୟ ମଧ୍ୟରେ ଉତ୍ତମ ପ୍ରସ୍ତୁତିକୁ ସୁନିଶ୍ଚିତ କରେ । ଏହାର ପରିସର ଭିତରେ ଏବଂ ବାହାରେ ଅନେକ ଟ୍ରକ୍ କାର୍ଯ୍ୟ କରୁଥିବା ସହିତ, ସଡ଼କ ସୁରକ୍ଷା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦାଇତ୍ୱ ଅଟେ । ସଡ଼କ ସୁରକ୍ଷା ସଚେତନତା ମାସ ଏବଂ 'ସୁରକ୍ଷା ସାରଥି' ଭଳି ପଦକ୍ଷେପ ମାଧ୍ୟମରେ, ବେଦାନ୍ତ ଆଲୁମିନିୟମ ହଜାର ହଜାର ଡ୍ରାଇଭର ଏବଂ ସହାୟକଙ୍କୁ ପ୍ରତିରୋଧାତ୍ମକ ଆଚରଣ ଏବଂ ପ୍ରାଥମିକ ଚିକିତ୍ସା ପ୍ରତିକ୍ରିୟା ଉଭୟରେ ତାଲିମ ଦେଇଛି । ଏହି କାର୍ଯ୍ୟକ୍ରମଗୁଡ଼ିକ ସାର୍ବଜନୀନ ରାସ୍ତା ଏବଂ ରାଜପଥକୁ ସୁରକ୍ଷିତ କରିବାରେ ସାହାଯ୍ୟ କରୁଛି । ବେଦାନ୍ତ ଝାରସୁଗୁଡାରେ ସମ୍ପ୍ରତି ଉଦ୍ଘାଟିତ ଡ୍ରାଇଭର କଲ୍ୟାଣ କମ୍ପ୍ଲେକ୍ସ ପ୍ଲାଣ୍ଟ ମଧ୍ୟରେ ଡ୍ରାଇଭରମାନଙ୍କୁ ବିଶ୍ରାମ, ସୁରକ୍ଷା ତାଲିମ ଏବଂ ସଂରଚିତ ତାଲିମ ଅଧିବେଶନ ପ୍ରଦାନ କରି ଏହି ଇକୋସିଷ୍ଟମକୁ ଆହୁରି ଉନ୍ନତ କରୁଛି । ବେଦାନ୍ତ ଆଲୁମିନିୟମର ଆଭିମୁଖ୍ୟକୁ ଯାହା ଭିନ୍ନ କରିଥାଏ ତାହା ହେଉଛି ଏହି ଦୃଷ୍ଟିକୋଣ ଯେ ସୁରକ୍ଷା କେବଳ ସୁରକ୍ଷା ବୃତ୍ତିଗତଙ୍କ ଦାୟିତ୍ୱ ନୁହେଁ ବରଂ ଏହାର ଦଳ ଏବଂ ସମ୍ପ୍ରଦାୟର ପ୍ରତ୍ୟେକ ସଦସ୍ୟଙ୍କର ଦାୟିତ୍ୱ । ନିୟମିତ ସୁରକ୍ଷା ଷ୍ଟାଣ୍ଡଡାଉନ୍ ଏବଂ ମାସିକ ଦୋକାନବଜାରରେ ସଚେତନତା ସୃଷ୍ଟି କରି, କମ୍ପାନୀ ଏହାର କର୍ମଚାରୀଙ୍କ ସମସ୍ତ ସ୍ତରରେ ଆତ୍ମବିଶ୍ୱାସ ସୃଷ୍ଟି କରୁଛି । ବିଶ୍ୱସ୍ତରୀୟ ଶିଳ୍ପ ସୁରକ୍ଷା ବ୍ୟବସ୍ଥାକୁ ତୃଣମୂଳ ସ୍ତରରେ ପହଂଚ ସହିତ ଯୋଡି, କମ୍ପାନୀ ଏକ ସୁରକ୍ଷା ଇକୋସିଷ୍ଟମ ମଧ୍ୟ ସୃଷ୍ଟି କରୁଛି ଯାହା ଏହାର ଅତ୍ୟାଧୁନିକ ସ୍ମେଲ୍ଟର୍ସ ଏବଂ ପାଓ୍ଵାର ପ୍ଲାଂଟ ଠାରୁ ଶ୍ରେଣୀଗୃହ, ରାସ୍ତା ଏବଂ ଏହାର ଆଖପାଖ ଗ୍ରାମ ପର୍ଯ୍ୟନ୍ତ ବିସ୍ତାରିତ ।

ହୀରାକୁଦ ଡ୍ୟାମ୍‌ର ୮ ଗେଟ୍ ଖୋଲା

ସମ୍ବଲପୁର (ଭାସ୍କର ନ୍ୟୁଜ): ଉପରମୁଣ୍ଡରେ ବର୍ଷା ଲାଗି ରହିଥିବାରୁ ହୀରାକୁଦ ଡ୍ୟାମର ଜଳସ୍ତର ବୃଦ୍ଧି ପାଇଛି । ଫଳରେ ସୋମବାର ଆଉ ୨ଟି ଗେଟ୍ ଖୋଲାଯିବା ସହ ମୋଟ ୮ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଶିରିଶ ଚନ୍ଦ୍ର ମୁର୍ମୁ...

ଜଣାଇଛନ୍ତି । ସେ କହିଛନ୍ତି, ଦେଶର ସର୍ବୋଚ୍ଚ ବ୍ୟାଙ୍କରେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହେବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ଆଗାମୀ କାର୍ଯ୍ୟକାଳ ଓ ନୂତନ ଦାୟିତ୍ୱ ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ସଫଳତା କାମନା କରୁଛି ବୋଲି ଶ୍ରୀ ମାଝୀ କହିଛନ୍ତି ।

ପ୍ରତି ପଞ୍ଚାୟତରେ...

୧୦ ଘଣ୍ଟାରୁ ଅଧିକ କିମ୍ବା କୌଣସି ସପ୍ତାହରେ ୪୮ ଘଣ୍ଟାରୁ ଅଧିକ କାର୍ଯ୍ୟ କରିଲେ, ସେ ଏପରି ଓଭରଟାଇମ କାର୍ଯ୍ୟ ବାବଦକୁ ସାଧାରଣ ମଜୁରି ହାରର ଦ୍ୱିଗୁଣିତ ମଜୁରି ପାଇବାକୁ ହକଦାର ହେବେ । ପ୍ରତିଷ୍ଠାନ ଗୁଡିକ ଦିନରାତି ୨୪ ଘଣ୍ଟା ଏବଂ ବର୍ଷକୁ ୩୬୫ ଦିନ ଖୋଲା ରହି ପାରିବ । ରାତିରେ ମହିଳା କର୍ମଚାରୀଙ୍କ କାର୍ଯ୍ୟ ଉପରେ ପ୍ରତିବନ୍ଧକ ହଟିବ । ମହିଳା କର୍ମଚାରୀ ମାନଙ୍କୁ ସେମାନଙ୍କ ଲିଖିତ ସମ୍ମତିରେ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଅଧିସୂଚିତ ସର୍ତ୍ତାବଳୀ ଅନୁଯାୟୀ ରାତ୍ରିରେ ନିୟୋଜିତ କରାଯାଇପାରିବ । ଏହି ସଂସ୍କାର ଗୁଡିକ ରାଜ୍ୟରେ ନୂତନ ଶିଳ୍ପ ଏବଂ ନିବେଶକୁ ଆକର୍ଷିତ କରିବ । କାରଖାନା ଗୁଡିକୁ ସର୍ବୋଚ୍ଚ ଚାହିଦା ପୂରଣ କରିବାରେ ସକ୍ଷମ କରିବ ଏବଂ ଉତ୍ପାଦକତା ବୃଦ୍ଧି କରିବ । ଏହା ଅଧିକ ଓଭର ଟାଇମ କାମ କରିବାକୁ ଅନୁମତି ଦେଇ ଶ୍ରମିକଙ୍କ ରୋଜଗାର ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିବ । ଭାରତ ସରକାରଙ୍କ ନିୟନ୍ତ୍ରଣ ମୁକ୍ତି ବା ଡି-ରେଗୁଲେସନ ପଦକ୍ଷେପର ପ୍ରାଥମିକତା କ୍ଷେତ୍ରରେ ପ୍ରସ୍ତାବିତ ଏହି ଅନୁମୋଦିତ ସଂଶୋଧନ ପ୍ରସ୍ତାବ ଗୁଡିକ ରାଜ୍ୟରେ ଦ୍ରୁତ ଶିଳ୍ପାୟନ ଓ ଦ୍ରୁତ ବ୍ୟବସାୟୀକରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବ, ଯାହା କି ଆମକୁ ବିକଶିତ ଓଡିଶା ଓ ବିକଶିତ ଭାରତ ଗଢିବାରେ ସାହାଯ୍ୟ କରିବ । ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନାରେ ଗ୍ରାମପଂଚାୟତ ସ୍ତରରେ ଆଦର୍ଶ ବିଦ୍ୟାଳୟର ବିକାଶ ପାଇଁ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଛନ୍ତି । ତିନି ବର୍ଷ (୨୦୨୫-୨୬ ରୁ ୨୦୨୭-୨୮) ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ୨୨୦୦ ଗୋଟି ମଡେଲ ସ୍କୁଲ ନିର୍ମାଣ ପାଇଁ ମୋଟ ଆର୍ଥିକ ବ୍ୟୟ ଅଟକଳ ୧୨,୦୦୦ କୋଟି ଟଙ୍କା ଅଟେ । ପ୍ରତ୍ୟେକ ସ୍କୁଲ ପାଇଁ ଆନୁମାନିକ ଖର୍ଚ୍ଚ ପ୍ରାୟ ୫ କୋଟି ଟଙ୍କା ଆକଳନ କରାଯାଇଥିବା ବେଳେ, ପ୍ରତ୍ୟେକ ସ୍କୁଲ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଆଧାରରେ ପ୍ରକୃତ ଖର୍ଚ୍ଚ ନିର୍ଣ୍ଣୟ କରାଯିବ । ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନା ଓଡ଼ିଶାରେ ଏକ ଅନ୍ତର୍ଭୁକ୍ତି ମୂଳକ ଏବଂ ଗୁଣାତ୍ମକ ଶିକ୍ଷା ଇକୋସିଷ୍ଟମ ଗଠନ କରିବା ଦିଗରେ ଏକ ପରିବର୍ତ୍ତନକାରୀ ପଦକ୍ଷେପ, ସମାନ ଶିକ୍ଷା ସୁଯୋଗ ଏବଂ ପ୍ରତ୍ୟେକ ପିଲାର ମୌଳିକ ସଶକ୍ତିକରଣ ପ୍ରତି ରାଜ୍ୟର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିବା ଦିଗରେ ଅଭିପ୍ରେତ । ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନାର ଲକ୍ଷ୍ୟ ହେଉଛି ଶିକ୍ଷା ଅଧିକାର ଆଇନ, ୨୦୦୯ ର ଉଦ୍ଦେଶ୍ୟ ସହିତ ସମନ୍ୱୟ ରକ୍ଷା କରିବା ସହ ଅନ୍ତର୍ଭୁକ୍ତି ଶିକ୍ଷା ଓ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱାରୋପ କରି ଗ୍ରାମ ପଞ୍ଚାୟତ ସ୍ତରରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିବା । କେନ୍ଦୁଝର ଘଟଗାଁ ଠାରେ ଥିବା ମା ତାରିଣୀ ମନ୍ଦିର ପରିସରର ପାରିପାର୍ଶ୍ୱିକ ବିକାଶ ଉପରେ ଓଡ଼ିଶା ସରକାର ଗୁରୁତ୍ୱାରୋପ କରିଛନ୍ତି । ମା ତାରିଣୀ ମନ୍ଦିର ପରିସରର ପାରିପାର୍ଶ୍ୱିକ ବିକାଶ ଦ୍ୱାରା ଭକ୍ତମାନଙ୍କ ଦୀର୍ଘ ଦିନର ଦାବି ପୂରଣ ହେବ । ଏହି ବିକାଶର ଫଳସ୍ୱରୂପ ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ଅର୍ଥନୈତିକ ବିକାଶ ହେବ । ରାଜ୍ୟ କ୍ୟାବିନେଟ୍ ଏଥିପାଇଁ ୧୪୬ କୋଟି ଟଙ୍କା ମୂଲ୍ୟର ସର୍ବନିମ୍ନ ଟେଣ୍ଡର (ଜି.ଏସ୍.ଟିକୁ ବାଦ୍ ଦେଇ) ମେସର୍ସ ଦିଲ୍ଲୀପ କନଷ୍ଟ୍ରକସନ୍ ପ୍ରାଇଭେଟ୍ ଲିମିଟେଡ୍ ସପକ୍ଷରେ ଅନୁମୋଦନ କରିଛନ୍ତି । ୫୯.୨୦୬ ଏକର ପରିମିତ ଅଞ୍ଚଳରେ ଏହି ବିକାଶ କାର୍ଯ୍ୟ ୨୪ ମାସ ଭିତରେ ସଂମ୍ପୂର୍ଣ୍ଣ କରିବାକୁ ଧାର୍ଯ୍ୟ କରାଯାଇଛି । ଏହି ବିକାଶ କାର୍ଯ୍ୟ ପାଇଁ ସମୁଦାୟ ୨୨୬ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଏଠାରେ ଭକ୍ତଙ୍କ ସୁବିଧା ପାଇଁ ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ , ତୀର୍ଥ ଯାତ୍ରୀ କେନ୍ଦ୍ର , ଇଣ୍ଟରପ୍ରିଟେସନ୍ ସେଣ୍ଟର , ଫୁଡ୍ ପ୍ଲାଜା ଏମଂ ଓ୍ଵାଚ୍ ଟାଓ୍ଵାର , ମାର୍କେଟ୍ କମ୍ପ୍ଲେକ୍ସ , ନଡ଼ିଆ ଭଣ୍ଡାର ଓ ପ୍ରସାଦ ସେବନ ପ୍ରକୋଷ୍ଠ (୫୦୦ ଜଣ ବସିଲା ଭଳି) ଏବଂ ଜିନିଷ ରଖିବା ଘର କରାଯିବ । ଏହି ସବୁ କାର୍ଯ୍ୟ ସମାପ୍ତ ହେଲା ପରେ, ଘଟଗାଁ ସ୍ଥିତ, ମାଙ୍କ ପୀଠ, ଭାରତର ପ୍ରମୁଖ ଧାର୍ମିକ ପର୍ଯ୍ୟଟନ କ୍ଷେତ୍ର ଭାବରେ ପରିଗଣିତ ହେବ ।

ବିପଦ ବଳୟରେ ବାଲେଶ୍ୱର
ସମ୍ଭାବ୍ୟ ସୁନାମୀ ପ୍ରଭାବିତ ତାଲିକାରେ ୫ ବ୍ଲକ୍

ବାଲେଶ୍ୱର (ଭାସ୍କର ନ୍ୟୁଜ): ପରିବେଶ ସନ୍ତୁଳନ ବିଗିଡ଼ିବା ସହ ଜୀବ ଜଗତପାଇଁ ବିପଦ ମାଡ଼ିମାଡ଼ି ଆସୁଛି । ଜଳବାୟୁ ପରିବର୍ତ୍ତନ ପ୍ରଭାବ ଏବେ ସାରା ବିଶ୍ୱକୁ କଲବଲ କରୁଛି । ଏଥିରୁ ଓଡ଼ିଶା ମଧ୍ୟ ବାଦ୍ ପଡ଼ିନାହିଁ । ନିୟମିତ ବ୍ୟବଧାନରେ ଓଡ଼ିଶା ଛୋଟବଡ଼ ବାତ୍ୟାକୁ ମୁକାବିଲା କରୁଛି । ଯାହାର ପ୍ରଭାବ ରାଜ୍ୟର ଅନ୍ୟ ଉପକୂଳ ଅଞ୍ଚଳ ସହ ବାଲେଶ୍ୱର ଉପକୂଳରେ ମଧ୍ୟ ପଡୁଛି । ଫଳରେ ସଂପୃକ୍ତ ଅଞ୍ଚଳରେ ବ୍ୟାପକ ଧନଜୀବନ ହାନୀ ଘଟୁଛି । ଏବେ କିନ୍ତୁ ବାଲେଶ୍ୱର ବିପଦ ବଳୟକୁ ଆସିଥିବା ସୂଚନା ମିଳିଛି । ସମ୍ଭାବ୍ୟ ସୁନାମୀ ପ୍ରଭାବିତ ତାଲିକାରେ ବାଲେଶ୍ୱର ଜିଲ୍ଲାର ୫ଟି ବ୍ଲକ ଅନ୍ତର୍ଗତ ୪୧ଟି ପଞ୍ଚାୟତର ୧୦୧ଟି ଗ୍ରାମ ରହିଥିବା ସୂଚନା ଦିଆଯାଇଛି । ସମ୍ଭାବ୍ୟ ସୁନାମୀ ଆସିଲେ ଜିଲ୍ଲାର ୧ଲକ୍ଷ ୨୧ ହଜାର ୫୩୬ଜଣ ଲୋକ ପ୍ରଭାବିତ ହେବେ ବୋଲି ଆକଳନ କରାଯାଇଛି । ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗର ତଥ୍ୟ ଅନୁଯାୟୀ ପରିବେଶ ସନ୍ତୁଳନ ବିଗୁଡୁଥିବାରୁ ସମୁଦ୍ର ଉପକୂଳ ଅଞ୍ଚଳଗୁଡ଼ିକ ସୁନାମୀ ଦ୍ୱାରା ବ୍ୟାପକ ପ୍ରଭାବିତ ହେବାର ଆଶଙ୍କା ରହିଛି । ଏହି ତାଲିକାରେ ବାଲେଶ୍ୱରର ନାମ ରହିଛି । ତାଲିକାରେ ଜିଲ୍ଲାର ଭୋଗରାଇ, ବାଲିଆପାଳ, ରେମୁଣା, ବାଲେଶ୍ୱର ସଦର ଓ ବାହାନଗା ବ୍ଲକ କ୍ଷତିଗ୍ରସ୍ତ ହେବ ବୋଲି ଆକଳନ କରାଯାଇଛି । ଭୋଗରାଇ ବ୍ଲକର ୭ଟି ପଞ୍ଚାୟତ ଅଧୀନ ୧୬ଟି ଗ୍ରାମର ୧୭,୨୭୨ରୁ ଅଧିକ ଲୋକ ପ୍ରଭାବିତ ହେବାକୁ ଥିବାବେଳେ ବାଲିଆପାଳ ବ୍ଲକର ୯ଟି ପଞ୍ଚାୟତ ଅଧୀନ ୯ଟି ଗ୍ରାମର ୩୦,୫୩୧ଜଣ, ରେମୁଣା ବ୍ଲକର ୩ଟି ପଞ୍ଚାୟତ ଅଧୀନ ୬ଟି ଗ୍ରାମର ୬,୭୦୮ଜଣ, ସଦର ବ୍ଲକର ୧୭ଟି ପଞ୍ଚାୟତ ଅଧୀନ ୫୧ଟି ଗ୍ରାମର ୪୯,୫୬୪ଜଣ ଏବଂ ବାହାନଗା ବ୍ଲକର ୫ଟି ପଞ୍ଚାୟତ ଅଧୀନ ୧୯ଟି ଗ୍ରାମର ୧୭,୪୩୯ଜଣ ପ୍ରଭାବିତ ହେବାର ଆଶଙ୍କା ରହିଛି । ଜଳବାୟୁ ପରିବର୍ତ୍ତନ ଫଳରେ ଲୋକମାନେ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହେବା ଦେଖାଯାଉଛି । ତେଣୁ ପରିବେଶ ପ୍ରଦୂଷଣ ଓ ଜଙ୍ଗଲ କ୍ଷୟପରି ଯେଉଁସବୁ କାରଣଗୁଡ଼ିକ ରହିଛି ସେଗୁଡ଼ିକର ନିରାକରଣ ପାଇଁ ଚିନ୍ତା କରିବାକୁ ପଡ଼ିବ । ଲୋକଙ୍କ ମଧ୍ୟରେ ଦକ୍ଷତା ବୃଦ୍ଧି ସହ ସ୍ଥାୟୀ ବିକାଶ ଏବଂ ସନ୍ତୁଳିତ ବିକାଶ ଉପରେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି । ବାଲେଶ୍ୱର ଉପରେ ସୁନାମୀ ବିପଦ ଥିବାରୁ ସରକାର ଓ ସ୍ଥାନୀୟ ପ୍ରଶାସନ ଏବେଠାରୁ ପଦକ୍ଷେପ ନେବା ଜରୁରି ବୋଲି କୁହାଯାଉଛି ।

କବିବର ରାଧାନାଥ ରାୟଙ୍କ ଜୟନ୍ତୀ ପାଳିତ

କଟକ(ଭାସ୍କର ନ୍ୟୁଜ): କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ଖାନନଗରସ୍ଥ ସମ୍ମିଳନୀ କକ୍ଷରେ କବିବର ରାଧାନାଥ ରାୟଙ୍କ ୧୭୭ତମ ଜୟନ୍ତୀ ପାଳିତ ହୋଇଯାଇଅଛି । ଅନୁଷ୍ଠାନର ସଭାପତି ଡ଼ାକ୍ତର ରବି ରନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସଂପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଡ଼ଃ ପ୍ରଫୁଲ୍ଲ କୁମାର ଦାଶ ଯୋଗ ଦେଇଥିଲେ । କବିବର ରାଧାନାଥ ଓଡ଼ିଆ ସାହିତ୍ୟରେ ନବଯୁଗର ପ୍ରବର୍ତ୍ତକ ଥିଲେ । ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟକୁ ଯୁଗସ୍ରଷ୍ଟା କବିବରଙ୍କ ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ସର୍ବଶ୍ରୀ ଶ୍ୟାମସୁନ୍ଦର ସାହୁ, ରବୀନ୍ଦ୍ରନାଥ ପଣ୍ଡା, ମୈତ୍ରୀ ଭୂଷଣ ଖୁଣ୍ଟିଆ, ଭୁବନାନନ୍ଦ ମହାନ୍ତି, ଅଭୟ କୁମାର ଦାସ, ଅରୁଣ କୁମାର ଅଗ୍ରଓ୍ଵାଲ, ବିଶ୍ୱମିତ୍ରା ମିଶ୍ର, ସୁଷମା ବାରିକ, ସମରେନ୍ଦ୍ର ଘୋଷ, ନମିତା ମହାନ୍ତି, ଡ଼. ହେମନ୍ତ କୁମାର ପରିଡ଼ା, ଶରତ ଚନ୍ଦ୍ର ଦାଶ, ସଂନ୍ଧ୍ୟା ମହାପାତ୍ର, ଅଶ୍ୱିନୀ କୁମାର ସେଠୀ, ବୈଷ୍ଣବ ଚରଣ ପରିଡ଼ା, ନିବାସ ଚନ୍ଦ୍ର ମିଶ୍ର, ବିଦ୍ୟୁତ କୁମାରୀ ଲାଲା, ରାଜ କୁମାର ପୃଷ୍ଟି, ନିରୂପମା ସାହୁ, ବାବୁଲିଧର ନାୟକ, ବିମଳ କୁମାର ଦାଶ ପ୍ରମୁଖ ସ୍ତୁତିଚାରଣ କରିଥିଲେ । ସଂଗଠନ ସଂପାଦକ ନରସିଂହ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

AFFIDAVIT

I, Bijay Ketan Pattanaik , S/o Late Raghunath Patnaik resident of Plot No-57, Jagmohan Nagar, Jagamara, P.S-Khandagiri, Bhubaneswar- 751030, Dist-Khordha declare by virtue Affidavit No. CF No-33, Dated 20.09.2025 sworn before Executive Magistrate, Bhubaneswar that now onwards I shall be known as Bijay Ketan Patnaik for all future purposes.

MCL ମହାନଦୀ କୋଲଫିଲଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"

R-5270

ଶ୍ରମ ଆଇନ ସଂସ୍କାର ଶ୍ରମିକମାନଙ୍କୁ ଶୋଷଣ ନୁହେଁ, ବରଂ ସଶକ୍ତ କରିବା ଆବଶ୍ୟକ: ସୁବାସ ସିଂହ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଭୁବନେଶ୍ୱରର ଶଙ୍ଖ ଭବନରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ, କଟକ ମେୟର ଏବଂ ବିଜୁ ଜନତା ଦଳ (ବିଜେଡି)ର ବରିଷ୍ଠ ନେତା ସୁବାସ ସିଂହ ସତର୍କ ଆଶାବାଦ ପ୍ରକାଶ କରିଛନ୍ତି ଏବଂ ଓଡ଼ିଶା କ୍ୟାବିନେଟ ଦ୍ୱାରା ଅନୁମୋଦିତ ସାମ୍ପ୍ରତିକ ଶ୍ରମ ଆଇନ ସଂଶୋଧନ ସମ୍ପର୍କରେ ଗମ୍ଭୀର ଚିନ୍ତା ପ୍ରକାଶ କରିଛନ୍ତି । କାରଖାନା ଆଇନ, ୧୯୪୮ ଏବଂ ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ, ୧୯୫୬ ରେ ସଂଶୋଧନ ଯାହା ବର୍ଦ୍ଧିତ କାର୍ଯ୍ୟ ଘଣ୍ଟା, ୨୪ଘ୭ କାର୍ଯ୍ୟ ଏବଂ ମହିଳାମାନଙ୍କ ପାଇଁ ରାତ୍ରି ପାଳିକୁ ଅନୁମତି ଦିଏ, ଏହା ରାଜ୍ୟର ଶ୍ରମ ନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ । ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଏବଂ ନିବେଶ ଆକର୍ଷିତ କରିବା ପାଇଁ ସରକାରଙ୍କ ଉଦ୍ଦେଶ୍ୟକୁ ସ୍ୱୀକାର କରିବା ସହିତ, ମେୟର ସିଂହ ଜୋର ଦେଇଛନ୍ତି ଯେ ଏପରି ସଂସ୍କାର ଶ୍ରମିକଙ୍କ ଅଧିକାର ଏବଂ ମର୍ଯ୍ୟାଦା, ବିଶେଷକରି ଚୁକ୍ତିଭିତ୍ତିକ ଏବଂ ଆକସ୍ମିକ ଶ୍ରମିକ ଭଳି ଦୁର୍ବଳ ଗୋଷ୍ଠୀଙ୍କ ପାଇଁ ଖର୍ଚ୍ଚ ହେବା ଉଚିତ୍ ନୁହେଁ । ଚିନ୍ତାର ପ୍ରମୁଖ କ୍ଷେତ୍ରଗୁଡ଼ିକୁ ଆଲୋକପାତ କରି, ସିଂହ ଜୋର ଦେଇଛନ୍ତି ଯେ ଓଭରଟାଇମ୍ କଡ଼ାକଡ଼ି ସ୍ୱେଚ୍ଛାକୃତ ରହିବା ଉଚିତ, ଚେତାବନୀ ଦେଇଛନ୍ତି ଯେ ସ୍ପଷ୍ଟ ସୁରକ୍ଷା ବ୍ୟବସ୍ଥା ବିନା, ଶ୍ରମିକମାନେ ଯୁକ୍ତିଯୁକ୍ତ ସୀମା ବାହାରକୁ କାମ କରିବା ପାଇଁ ଅଯଥା ଚାପର ସମ୍ମୁଖୀନ ହୋଇପାରନ୍ତି । ସେ ପ୍ରବର୍ତ୍ତନ ଏବଂ ଯାଞ୍ଚ ବ୍ୟବସ୍ଥାରେ ଥିବା ବ୍ୟବଧାନ ବିଷୟରେ ମଧ୍ୟ ସତର୍କତା ପ୍ରକାଶ କରି ହଜାର ହଜାର ପ୍ରତିଷ୍ଠାନରେ କିଏ ଅନୁପାଳନ ସୁନିଶ୍ଚିତ କରିବ ବୋଲି ପ୍ରଶ୍ନ ଉଠାଇଥିଲେ । ସେ ଏକ ଦୃଢ଼, ସୁନିଧିକୃତ ଶ୍ରମ ନିରୀକ୍ଷକ ପାଇଁ ପରାମର୍ଶ ଦେଇଥିଲେ, ଯାହା ଡିଜିଟାଲ୍ ମଜୁରୀ ଟ୍ରାକିଂ ସହିତ ସଜ୍ଜିତ ଏବଂ ଅଭୁତ ଅଡିଟ୍ କରିବା ପାଇଁ କ୍ଷମତାପ୍ରାପ୍ତ । ମହିଳାମାନଙ୍କ ରାତ୍ରି ଶିଫ୍ଟ ପାଇଁ ବ୍ୟବସ୍ଥା ବିଷୟରେ, ସିଂହ ସତର୍କ କରାଇ ଦେଇଥିଲେ ଯେ ଲିଖିତ ସମ୍ମତି ଏବଂ ତାତ୍ତ୍ୱିକ ସୁରକ୍ଷା ପ୍ରୋଟୋକଲ୍ ବାସ୍ତବ-ବିଶ୍ୱ ସୁରକ୍ଷାରେ ପରିଣତ ହୋଇନପାରେ । ମହିଳାମାନଙ୍କ ସୁରକ୍ଷାକୁ ଅବିଚାରଯୋଗ୍ୟ ବୋଲି ନିଶ୍ଚିତ କରିବା ପାଇଁ ସେ ବିସ୍ତୃତ ସୁରକ୍ଷା ନିର୍ଦ୍ଦେଶାବଳୀ ଏବଂ ସ୍ପଷ୍ଟ ଦାୟିତ୍ୱ ଢାଞ୍ଚାର ତୁରନ୍ତ ପ୍ରକାଶନ ପାଇଁ ଆହ୍ୱାନ କରିଥିଲେ । ପ୍ରଭାବଶାଳୀ ତଦାରଖ ଢାଞ୍ଚା, ଅଭିଯୋଗ ସମାଧାନ ବ୍ୟବସ୍ଥା ଏବଂ ସ୍ୱଚ୍ଛ ମଜୁରୀ ବ୍ୟବସ୍ଥା ନିର୍ମାଣ କରିବା ପାଇଁ ମେୟର ସିଂହ ରାଜ୍ୟ ସରକାରଙ୍କୁ ଶ୍ରମିକ ସଂଗଠନ, ମହିଳା ସଂଗଠନ ଏବଂ ନାଗରିକ ସମାଜ ଗୋଷ୍ଠୀ ସହିତ ବ୍ୟାପକ ପରାମର୍ଶ କରିବାକୁ ଅନୁରୋଧ କରିଥିଲେ । ସେ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି, ଲିଙ୍ଗ-ସମ୍ବେଦନଶୀଳ ଶାସନ ଏବଂ ଶ୍ରମିକଙ୍କ ଅଧିକାର ସୁରକ୍ଷା ପ୍ରତି ବିଜେଡିର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରି ଶେଷରେ କହିଥିଲେ, 'ବିକାଶ କେବେବି ମର୍ଯ୍ୟାଦାର ମୂଲ୍ୟରେ ଆସିବା ଉଚିତ୍ ନୁହେଁ । ମାନବିକ ଏବଂ ନ୍ୟାୟପୂର୍ଣ୍ଣ କାର୍ଯ୍ୟ ପରିସ୍ଥିତି ସହିତ ଶିଳ୍ପ ନମନୀୟତାକୁ ସନ୍ତୁଳିତ କରିବାରେ ଓଡ଼ିଶାକୁ ଏକ ଜାତୀୟ ଉଦାହରଣ ସ୍ଥାପନ କରିବାକୁ ପଡିବ ।' ସଂସ୍କାରଗୁଡ଼ିକ ସମସ୍ତ ଅଂଶୀଦାରଙ୍କୁ ନ୍ୟାୟସଙ୍ଗତ ଭାବରେ ସେବା ଯୋଗାଇବା ନିଶ୍ଚିତ କରିବା ପାଇଁ ସେ ଶିଳ୍ପ, ସରକାର ଏବଂ ଶ୍ରମକୁ ପାରସ୍ପରିକ ସମ୍ମାନର ଭାବନାରେ ଏକାଠି କାମ କରିବାକୁ ଆହ୍ୱାନ କରିଥିଲେ ।

e-mail : eerw_sunabeda@yahoo.co.in
GOVERNMENT OF ODISHA
OFFICE OF THE SUPERINTEDNING ENGINEER
RURAL WORKS DIVISION, SUNABEDA
O-870

e-Procurement Notice for Road works
Identification No Online Tender /02/RWD-SBD/2025-26

Letter No. 3641 / Date: 24.09.2025

01. Name of the work :: Road works Semiliguda, Nandapur, Pottangi Lamtaput, Laxmipur, Bandhugaon block
02. Total Number of works :: 43 nos works
03. Estimated cost :: 9.00 to 90.00 lakhs
04. Class of Contractor :: "B", "C" & "D" Class
05. Period of Completion :: 02 months
06. Other Details

Procurement Officer	Bid Identification No.	Availability of tender online for bidding	
		From	To
Superintending Engineer, R.W. Division, Sunabeda	Online Tender/02/ RWD-SBD /2025-26	03.10.2025 at 11:00 a.m	22.10.2025 upto 05:00 p.m

Further details can be seen from the website www.tendersorissa.gov.in

OIPR 25059/11/0017/2526

Sd/- Superintending Engineer,
Rural Works Division, Sunabeda

MANAPPURAM HOME FINANCE LTD.
ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍
ପୂର୍ବରୁ ମନପୁରମ୍ ହୋମ୍ ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍
ସିଆଇଏନ୍: ୟୁ୬୫୯୨୩କେ୨୦୦ପିଆଇଏସିଂ୩୯୧୭୯, ୟୁନିଟ୍ ୩୦୧-୩୧୫, ତୃତୀୟ ମହଲା, ଏ ୱିଙ୍ଗ୍ କନକିଆ ୱାଲ ଷ୍ଟ୍ରିଟ, ଅନ୍ଧେରୀ-କୁର୍ଲା ରୋଡ୍, ଅନ୍ଧେରୀ ଇଷ୍ଟ, ମୁମ୍ବାଇ-୪୦୦୦୯୩

ପଜେସନ୍ ନୋଟିସ୍ (ସ୍ଥାବର ସମ୍ପତ୍ତି ପାଇଁ)

ଯେହେତୁ ନିମ୍ନ ସ୍ୱାକ୍ଷରକାରୀ ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍ (ମାହୋଫିନ୍)ର ପ୍ରାଧିକୃତ ଅଧିକାରୀଙ୍କ ତରଫରୁ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଆକ୍ଟ) ୨୦୦୨ (୨୦୦୨ର ୫୪) ଧାରା ଅନୁଯାୟୀ ତାଙ୍କର କ୍ଷମତାର ପ୍ରୟୋଗ କରି ୨୦୦୨ର ୯ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ର ଧାରା ୧୩(୧୨)ରେ ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ ଜାରି କରି ନୋଟିସ ପାଇବାର ୬୦ଦିନ ମଧ୍ୟରେ ଋଣ ପରିଶୋଧ ପାଇଁ କୁହାଯାଇଥିଲା । ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ଯେହେତୁ ବିଫଳ ହୋଇଛନ୍ତି, ତେଣୁ ଏହି ନୋଟିସ୍ ମାଧ୍ୟମରେ ସର୍ବସାଧାରଣ ତଥା ବିଶେଷକରି ଋଣଗ୍ରହୀତାମାନଙ୍କୁ ଏବଂ ଗ୍ୟାରେଣ୍ଟରମାନଙ୍କୁ ଜଣାଇ ଦିଆଯାଉଅଛି କି ସୁରକ୍ଷିତ ଋଣଦାତା (ମନପୁରମ୍ ହୋମ ଫାଇନାନ୍ସ ଲିମିଟେଡ୍)ଙ୍କ ନିକଟରେ ନିମ୍ନ ଦର୍ଶିତ ସ୍ଥାବର ସମ୍ପତ୍ତିଗୁଡ଼ିକ ବନ୍ଧକ ରହିଛି । ତେଣୁ ୯ ଆଇନର ୧୩/୪ ଧାରା ଅନୁଯାୟୀ ପ୍ରାଧିକୃତ ଅଧିକାରୀ ତାଙ୍କର କ୍ଷମତା ପ୍ରୟୋଗ କରି ଏହାକୁ ନିଜ ଦଖଲକୁ ନେଇଛନ୍ତି । ଋଣଗ୍ରହୀତା ଏବଂ ସର୍ବସାଧାରଣ ଏହି ସମ୍ପତ୍ତି ଉପରେ ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ବିନା ଅନୁମତିରେ କୌଣସି କାରବାର କରିପାରିବେ ନାହିଁ । ନିମ୍ନରେ ସମ୍ପତ୍ତି ସଂପର୍କିତ ବିବରଣୀ ପ୍ରଦତ୍ତ ।

କ୍ର ନଂ	ଋଣଗ୍ରହୀତା/ସହ ଋଣଗ୍ରହୀତାଙ୍କ ନାମ/ ଋଣ ଏକାଉଣ୍ଟ ନଂ /ଶାଖା	ଯେଉଁ ଉଦ୍ଦେଶ୍ୟରେ ଏହି ସମ୍ପତ୍ତି ବନ୍ଧକ ରହିଥିବାର ବିବରଣୀ	ଡିମାଣ୍ଡ ନୋଟିସ ପଠାଯିବାର ତାରିଖ ଓ ବକେୟା ପରିମାଣ	ପଜେସନର ତାରିଖ
୧	ହର୍ଷମଣି ସାହୁ, କରୁଣାକର ସାହୁ ଏମ୍‌ଏଚ୍‌ଏଲ୍‌ଓ୭୮୦୦୦୫୯୧୬ ଖୋର୍ଦ୍ଧା	ଖାତା ନଂ ୨୧୧/୯, ପ୍ଲଟ ନଂ ୨୬୪, ମୋଟ ଏରିଆ ଏ୦.୦୪୦ ଡିସିମିଲ, ମୌଜା- ଜମଲପୁର-୧୩୮, ପିପିଲିପୁରା, ପୋ- ମଙ୍ଗଳପୁର, ପୁରୀ, ଓଡ଼ିଶା, ପିନ୍-୭୫୨୧୦୪, ପୂର୍ବ- ଭାଗିରଥୀ ଦଉ.ଏସ୍, ପଶ୍ଚିମ- ଘନଶ୍ୟାମ ସାହୁ, ଦକ୍ଷିଣ- ସରକାରୀ ରାସ୍ତା, ଉତ୍ତର- ହର୍ଷମଣି ସାହୁ	୨୧.୦୬.୨୦୨୫ ଏବଂ ଟ.୩୧୯୩୨୫୯/-	୨୫.୦୯.୨୦୨୫

ତାରିଖ: ୩୦.୦୯.୨୦୨୫, ସ୍ଥାନ: ଓଡ଼ିଶା
ସ୍ୱା/-ପ୍ରାଧିକୃତ ଅଧିକାରୀ, ମନପୁରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍